# NATIONAL NEWS BULLETIN (ODIA)

**8 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଭାରତକୁ ପୁଣି ଥରେ ବିଶ୍ୱ ବ୍ୟାପାର ଏବଂ ଜ୍ଞାନକେନ୍ଦ୍ର ଭାବେ ଗଢ଼ିତୋଳିବା ଲାଗି ଦେଶବାସୀଙ୍କୁ ଆହ୍ୱାନ ଦେଲେ ରାଷ୍ଟ୍ରପତି

- ଯୁବ ପିଢ଼ିଙ୍କ ଲାଗି କର୍ମନିଯୁକ୍ତି ସୃଷ୍ଟି ଉଦ୍ଦେଶ୍ୟରେ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ଏକ ବେସରକାରୀ କମ୍ପାନୀ ସହ ବୁଝାମଣାପତ୍ର ସ୍ୱାକ୍ଷରିତ

- ଜିଏସଟି ସଂସ୍କାର ଯୋଗୁଁ ଦେଶର ବୟନଶିଳ୍ପ କ୍ଷେତ୍ର ଗତି ହାସଲ କରିବ, କହିଲେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ

- ଗାଜାରେ ଯୁଦ୍ଧ ବିରତି ଲାଗି ଆମେରିକା ଦେଇଥିବା ପ୍ରସ୍ତାବକୁ ଗୁରୁତ୍ୱର ସହ ବିଚାର କରୁଛି ଇସ୍ରାଏଲ୍

ଏବଂ

- ମଣିପୁରରେ ତଲାସି ଅଭିଯାନ ସମୟରେ ୬ ଉଗ୍ରବାଦୀ ଗିରଫ

## ପ୍ରେଜ୍-ଇଇପିସି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତକୁ ପୁଣିଥରେ ବିଶ୍ୱ ବ୍ୟାପାର ଏବଂ ଜ୍ଞାନ କେନ୍ଦ୍ର ଭାବେ ଗଢ଼ିତୋଳିବା ଲାଗି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଆଜି ନୂଆଦିଲ୍ଲୀରେ ଇଞ୍ଜିନିୟରିଂ ରପ୍ତାନୀ ବିକାଶ ପରିଷଦ-ଇଇପିସି ର ପ୍ଲାଟିନମ୍ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ

ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ପ୍ରାଚୀନ କାଳରେ ଭାରତ ଆଧ୍ୟାତ୍ମ ଏବଂ ବ୍ୟାପାର କ୍ଷେତ୍ରରେ ବିଶ୍ୱର ନେତୃତ୍ୱ ନେଉଥିବା ପ୍ରମାଣ ରହିଛି ।

**V/O (Prez-APC-2)**

ଭାରତୀୟ ଅର୍ଥବ୍ୟବସ୍ଥାକୁ ଅଧିକ ଆତ୍ମନିର୍ଭର ଏବଂ ରପ୍ତାନୀ କ୍ଷେତ୍ରରେ ଉତ୍କୃଷ୍ଟ କରିବା ନେଇ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, କରୋନା ସମୟରେ ଆରମ୍ଭ ହୋଇଥିବା ଆତ୍ମନିର୍ଭର ଭାରତ ଲଗାତାର ଭାବେ ସୁଦୃଢ଼ ହେଉଛି । ସେ କହିଛନ୍ତି, ଭାରତ ଅଧିକରୁ ଅଧିକ ଆତ୍ମନିର୍ଭର ହେଉ, ଯାହାଫଳରେ ଏହାର ଅର୍ଥବ୍ୟବସ୍ଥା ଉପରେ ବିଶ୍ୱ ଅସ୍ଥିରତାର କୌଣସି ପ୍ରଭାବ ପଡ଼ିବ ନାହିଁ ।

**V/O (Prez-Covid-Atmanirvar)**

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଆମ ଅର୍ଥବ୍ୟବସ୍ଥାରେ **MSME**ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ **EEPC** ଦ୍ୱାରା **MSME** ପ୍ରସ୍ତୁତ ସାମଗ୍ରୀର ରପ୍ତାନୀ କ୍ଷେତରେ ବଦଳୁଥିବା ପରିସ୍ଥିତି ଅନୁଯାୟୀ ଏହି କ୍ଷେତ୍ରକୁ ନୂଆ ଶକ୍ତି ପ୍ରଦାନ କରାଯିବ ।

**V/O (Prez-MSME)**

## ଏମ୍‌ଓୟୁ-ମାଣ୍ଡବ୍ୟ

ଦେଶର ଯୁବପିଢ଼ିଙ୍କ ମଧ୍ୟରେ କର୍ମ ନିୟୋଜନ ଲାଗି ସୁଯୋଗ ସୃଷ୍ଟି କରିବା ଏବଂ ସେମାନଙ୍କୁ ଦକ୍ଷତାସଂପନ୍ନ କରିବା ଲାଗି କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଆଜି ନୂଆଦିଲ୍ଲୀରେ ଏକ ବେସରକାରୀ କମ୍ପାନୀ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସମୟରେ ଉପସ୍ଥିତ ଥିବା କେନ୍ଦ୍ରମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି, ସଶକ୍ତ ଏବଂ ଆତ୍ମନିର୍ଭର ଭାରତର ମୂଳଦୁଆ

ହେଉଛି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଓ ଏହି ପିଢ଼ିକୁ ନିଯୁକ୍ତି ପାଇଁ ଯୋଗ୍ୟ କରାଇବା ଉପରେ ଗୁରୁତ୍ୱ ଦେବା । ସେ କହିଛନ୍ତି, ବେସରକାରୀ ପ୍ଲାଟଫର୍ମ ସହଯୋଗରେ କେବଳ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ ନାହିଁ, ବରଂ କୃଷି, ସେବା, ଭିତ୍ତିଭୂମି ନିର୍ମାଣ କ୍ଷେତ୍ରକୁ ସଶକ୍ତ କରାଯାଇ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ । ମନ୍ତ୍ରୀ ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ନ୍ୟାଶନାଲ୍ କ୍ୟାରିୟର ସର୍ଭିସ୍ ପୋର୍ଟାଲ୍ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଏଥିରେ ୫୧ଲକ୍ଷ ପଞ୍ଜୀକରଣ ହୋଇଥିବା ବେଳେ ୪୬ ଲକ୍ଷ କର୍ମନିଯୁକ୍ତି ରହିଛି । ସେହି କର୍ମନିଯୁକ୍ତି ମଧ୍ୟରେ ୨୮ ହଜାର ଅନ୍ତର୍ଜାତୀୟ ନିଯୁକ୍ତି ବୋଲି ଶ୍ରୀ ମାଣ୍ଡବ୍ୟ କହିଛନ୍ତି ।

## ଜିଏସ୍‌ଟି ରିଫର୍ମ-ଟେକ୍ସଟାଇଲ୍

ଗତମାସ ୧୫ ତାରିଖରେ ନୂଆଦିଲ୍ଲୀର ଲାଲକିଲ୍ଲାରୁ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିବା ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାରକୁ ଜିଏସ୍‌ଟି ପରିଷଦ ସଫଳ ଭାବେ କାର୍ଯ୍ୟକାରୀ କରିଛି । ଗତ ୩ ତାରିଖରେ ଅନୁଷ୍ଠିତ ପରିଷଦ ବୈଠକରେ ୪ ଥାକିଆ ଜିଏସଟି ସ୍ଲାବକୁ କେବଳ ୫ ଏବଂ ୧୮ ପ୍ରତିଶତ ଭଳି ଦୁଇଟି ସ୍ଲାବରେ ସୀମିତ ରଖାଯାଇଛି । ଜନସାଧାରଣଙ୍କ ଜୀବନଧାରଣକୁ ସହଜ କରିବା ପାଇଁ ଅନେକ ଗୁଡ଼ିଏ କ୍ଷେତ୍ରରେ ଜିଏସଟି ହାର ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଥିବା ବେଳେ ଆଉ କେତେକ କ୍ଷେତ୍ରରେ ଏହାକୁ ହ୍ରାସ କରାଯାଇଛି । ବୟନଶିଳ୍ପ କ୍ଷେତ୍ରରେ ମଧ୍ୟ ଏହି ଜିଏସଟି ସଂସ୍କାର ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ମତ ପ୍ରକାଶ ପାଇଛି ।

ଚଳିତମାସ ୨୨ ତାରିଖରୁ ଲାଗୁହେବାକୁ ଥିବା ନୂତନ ଜିଏସଟି ହାର ବୟନ ଶିଳ୍ପ କ୍ଷେତ୍ରରେ ଥିବା ଦ୍ୱନ୍ଦ୍ୱକୁ ଦୂର କରି କ୍ରୟ କ୍ଷମତା ଓ ଚାହିଦା ବୃଦ୍ଧି କରିବ । ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞ ଓ କର୍ମଜୀବୀମାନେ ମଧ୍ୟ ଏହା ଦ୍ୱାରା ଲାଭବାନ ହେବେ । ବୟନଶିଳ୍ପ କ୍ଷେତ୍ରରେ ମନୁଷ୍ୟକୃତ ଫାଇବର୍ କ୍ଷେତ୍ରରେ ଟିକସ ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଥିବା ବେଳେ ଅନ୍ୟ କେତେକ କ୍ଷେତ୍ରରେ ଏହାକୁ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

ଜିଏସଟି ପରିଷଦ ହାତ ତିଆରି ବସ୍ତ୍ର, ପାପୋଛ, ଗାଲିଚା ଭଳି ଦ୍ରବ୍ୟ ଉପରେ ଜିଏସଟି ହାର ୫ ପ୍ରତିଶତକୁ ହ୍ରାସ କରିଛି ।

କେନ୍ଦ୍ର ବୟନଶିଳ୍ପମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି, ଜିଏସଟି ସଂସ୍କାର ଫଳରେ ବସ୍ତ୍ର ରପ୍ତାନୀ ବୃଦ୍ଧି ପାଇବା ସହ ଦେଶ ମଧ୍ୟରେ ଏହାର ଚାହିଦା ଆହୁରି ବଢ଼ିବ ।

## ଇସ୍ରାଏଲ୍-ହଷ୍ଟେଜ୍

ଗାଜାରେ ଯୁଦ୍ଧ ବିରତି ଲାଗି ଆମେରିକା ଦେଇଥିବା ପ୍ରସ୍ତାବକୁ ଇସ୍ରାଏଲ୍ ଗୁରୁତର ସହ ବିଚାର କରୁଛି ବୋଲି ଜଣାପଡ଼ିଛି । ଏହି ଯୁଦ୍ଧ ବିରତି ସମ୍ଭବ ହେଲେ ଇସ୍ରାଏଲୀ ପଣବନ୍ଦୀମାନଙ୍କୁ ମୁକ୍ତ କରାଯାଇ ପାରିବ । ରିପୋର୍ଟ ଅନୁଯାୟୀ, ହମାସକୁ ଏହି ପ୍ରସ୍ତାବ ସଂପର୍କରେ ଅବଗତ କରାଯାଇଛି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଭଳି ପ୍ରସ୍ତାବ ଦେଇଥିବା କୁହାଯାଇଛି । ସମସ୍ତ ୪୮ ଜଣ ପଣବନ୍ଦୀ ଗାଜାରେ ଅଛନ୍ତି ଏବଂ ହଜାରେ ସଂଖ୍ୟକ ପାଲେଷ୍ଟାଇନ୍ ବନ୍ଦୀଙ୍କ ବଦଳରେ ୨୦ ଜଣ ପଣବନ୍ଦୀଙ୍କୁ ପ୍ରଥମ ପର୍ଯ୍ୟାୟରେ ହସ୍ତାନ୍ତର କରାଯିବ ବୋଲି କୁହାଯାଇଛି । ଉଭୟ ପକ୍ଷ ମଧ୍ୟରେ କଥାବାର୍ତ୍ତା ଜାରି ରହିଥିବା ବେଳେ

ଶ୍ରୀ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ବୁଝାମଣା ହେଲେ ଯୁଦ୍ଧ ବନ୍ଦ ହେବାର ସମ୍ଭାବନା ସୃଷ୍ଟି ହେବ ବୋଲି କୁହାଯାଇଛି ।

ଗତକାଲି ହମାସ୍ କହିଛି, ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରସ୍ତାବ ହସ୍ତଗତ ହୋଇଛି ଏବଂ ଯୁଦ୍ଧ ବନ୍ଦ୍ ବିଷୟ ସ୍ୱଷ୍ଟଭାବେ ଘୋଷଣା କରାଗଲେ ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବା ନେଇ ହେବାକୁ ଥିବା ବୈଠକରେ ସେମାନେ ନିଶ୍ଚିତ ଯୋଗଦେବେ ।

ଅନ୍ୟପକ୍ଷରେ ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇସ୍ରାଏଲ୍ ପକ୍ଷରୁ ସେ ସ୍ଥିର କରିଥିବା ସର୍ତ୍ତକୁ ଗ୍ରହଣ କରାଯାଇଛି । ଏବେ ହମାସ୍ ଏହା ଉପରେ ପଦକ୍ଷେପ ନେବା ଜରୁରୀ । ଯଦି ସେଭଳି ନ ହୁଏ, ତେବେ ପରିସ୍ଥିତି ଭୟାବହ ହେବ ବୋଲି ଟ୍ରମ୍ପ ଚେତାବନୀ ଦେଇଚନ୍ତି ।

# ମଣିପୁର-ମିଲିଟାଣ୍ଟ ଗ୍ରୁପ୍ସ

ମଣିପୁରରେ ସୁରକ୍ଷା ବଳ ତଲାସି ଅଭିଯାନ ସମୟରେ ଗତକାଲି ଉଗ୍ରବାଦୀ ସଂଗଠନଗୁଡ଼ିକର ୬ ଜଣ ସଦସ୍ୟଙ୍କୁ ଗିରଫ କରିଛନ୍ତି । ମଣିପୁର ପୋଲିସ୍‌ର ସୂଚନା ଅନୁଯାୟୀ, PLA ଉଗ୍ରବାଦୀ ସଂଗଠନର ୨ ଜଣ ଏବଂ KCP-MFL ଏବଂ UNLF-K ଗୋଷ୍ଠୀର ଜଣେ ଲେଖାଏଁ ଉଗ୍ରବାଦୀଙ୍କୁ ଗିରଫ କରାଯାଇଛି । ଭାରତ-ମିଆଁମାର ଆନ୍ତର୍ଜାତିକ ସୀମା ନିକଟବର୍ତ୍ତୀ ମଣିପୁରର ତେଙ୍ଗନୁପାଲ ଜିଲ୍ଲାରେ ସେମାନଙ୍କୁ ଗିରଫ କରାଯାଇଛି । ଅନ୍ୟ ଏକ ତଲାସି ଅଭିଯାନ ସମୟରେ KCP ଗୋଷ୍ଠୀର ୨ ଜଣ ସକ୍ରିୟ ସଦସ୍ୟଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି । ସେମାନଙ୍କୁ ଇମ୍ଫାଲ୍ ପଶ୍ଚିମ ଜିଲ୍ଲା ଲିଲନ୍ ଚାଜିଙ୍ଗ ମାମାଙ୍ଗ ଲେଇକାଇ ଅଞ୍ଚଳରୁ ଗିରଫ କରାଯାଇଛି ।

ମିଳିଥିବା ରିପୋର୍ଟ ଅନୁଯାୟୀ, ସୁରକ୍ଷାବଳ ଏହି ତଲାସି ଅଭିଯାନ କାଳରେ ପ୍ରବଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ଗୋଟିଏ SLR, ଗୋଟିଏ ୩୦୩ ରାଇଫଲ୍, ୩ଟି ସିଙ୍ଗଲ୍ ବ୍ୟାରେଲ୍ ରାଇଫଲ୍, ଗୋଟିଏ ରିଭର୍‌ବଲ୍, ଗୋଟିଏ ୨୨ ମିମି ପିସ୍ତଲ, ୨ଟି IED ଓ ୨ଟି ୱେୟାରଲେସ୍ ସେଟ୍ ଜବତ କରାଯାଇଛି । ଅନ୍ୟପକ୍ଷରେ ଇମ୍ଫାଲ ପୂର୍ବ ଜିଲ୍ଲାରୁ ସୁରକ୍ଷାବଳ ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୫୦ କିଲୋଗ୍ରାମ ମାଦକ ଦ୍ରବ୍ୟ ଜବତ କରାଯାଇଛି ।

---

## ଟ୍ରମ୍ପ :ରୁଷ୍-ୟୁକ୍ରେନ୍

ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ସଂଘର୍ଷର ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଆଶା ବ୍ୟକ୍ତ କରିଛନ୍ତି। ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ଟ୍ରମ୍ପ କହିଛନ୍ତି, ସେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁତିନଙ୍କୁ ଏବଂ ୟୁରୋପୀୟ ସଂଘର ନେତାମାନଙ୍କୁ ଆମେରିକା ନିମନ୍ତ୍ରଣ କରିବେ । ସେଠାରେ ଉଭୟ ପକ୍ଷଙ୍କ ମଧ୍ୟରେ ଏକ ରଣନୈତିକ ଆଲୋଚନା ଜରିଆରେ ସମସ୍ୟାର ସମାଧାନ ହେବ ବୋଲି ସେ ବିଶ୍ୱାସ କରୁଥିବା କହିଛନ୍ତି ।

---

## ବୈଷ୍ଣୋଦେବୀ ଯାତ୍ରା

କ୍ରମାଗତ ଭାବେ ଆଜି ୧୪ ଦିନରେ ମଧ୍ୟ ଶ୍ରୀମାତା ବୈଷ୍ଣୋଦେବୀଙ୍କ ଯାତ୍ରା ସ୍ଥଗିତ ରହିଛି । ଜାମ୍ମୁ କାଶ୍ମୀରର ତ୍ରିକୂଟ ପର୍ବତ ନିକଟସ୍ଥ ରିୟାସି ଅଞ୍ଚଳରେ ପାଗ ଭଲ ନଥିବାରୁ ଏବଂ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇଥିବାରୁ ଏହି ଯାତ୍ରାକୁ ସ୍ଥଗିତ ରଖାଯାଇଛି । ଆମ ସମ୍ବାଦଦାତା ଜଣାଇଛନ୍ତି, ତୀର୍ଥଯାତ୍ରୀମାନେ ଯେଉଁ ବାଟ ଦେଇ ଯାତ୍ରା କରିବେ, ସେହି ମାର୍ଗରେ ପୂର୍ବରୁ ଭୂସ୍ଖଳନ ହୋଇଥିବା ବେଳେ ଏବେ ବର୍ଷା ହେଉଛି । ଯୁଦ୍ଧକାଳୀନ ଭିତ୍ତିରେ ସଂପୃକ୍ତ ମାର୍ଗର ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି । ସୂଚନା ଅନୁଯାୟୀ, ପାଗ ପରିବର୍ତ୍ତନ ହେଲେ ଏବଂ ଜୀବାଆସିବା

ମାର୍ଗ ନିରାପଦ ଘୋଷଣା ହେବା ପରେ ଯାତ୍ରା ପାଇଁ ଅନୁମତି ଦିଆଯିବ । ୧୪ ଦିନ ଧରି ଯାତ୍ରା ସ୍ଥଗିତ ରହିବା ଫଳରେ ତୀର୍ଥଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ତେବେ ପ୍ରଶାସନ ପକ୍ଷରୁ ଧୈର୍ଯ୍ୟର ସହ ଅପେକ୍ଷା କରିବା ଲାଗି ଆହ୍ୱାନ ଦିଆଯାଇଛି ।

## ଜେକେ-ପାକ୍ ଇଣ୍ଟ୍ରୁଡର ଆରେଷ୍ଟେଡ୍

ଜାମ୍ମୁ କାଶ୍ମୀରର ଆର୍‌ଏସ୍‌ପୁରା ନିକଟବର୍ତ୍ତୀ ଅନ୍ତର୍ଜାତୀୟ ସୀମାରେଖା ନିକଟରୁ ଜଣେ ପାକିସ୍ତାନ ଅନୁପ୍ରବେଶକାରୀଙ୍କୁ ଗିରଫ କରାଯାଇଛି । ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି, ଗତ ରାତିରେ ଗିରଫ କରାଯାଇଥିବା ଅନୁପ୍ରବେଶକାରୀ ଜଣକ ପାକିସ୍ତାନ ପଞ୍ଜାବ ଅଞ୍ଚଳର ସର୍ଗୋଧାର ସିରାଜ ଖାଁ । ଗତକାଲି ରାତି ପ୍ରାୟ ୯ଟା ୨୦ ମିନିଟ୍‌ରେ ଅକ୍ଟ୍ରୋଇ ଆଉଟ୍‌ପୋଷ୍ଟ ନିକଟରୁ ସୀମା ସୁରକ୍ଷା ବଳ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଥିଲା । ସେହି ବ୍ୟକ୍ତି ନିକଟରୁ ପାକିସ୍ତାନୀ ମୁଦ୍ରା ଜବତ କରାଯାଇଛି । ସେ ଭାରତ ମଧ୍ୟକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ପ୍ରାଥମିକ ଭାବେ ଜଣାପଡ଼ିଛି ।

## ଇଡି-ରେଡ୍ ଡବ୍ଲୁବି

ବେଆଇନ ବାଲି ଖନନ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ-ଇଡି ଆଜି ପଶ୍ଚିମବଙ୍ଗର ଅନେକ ସ୍ଥାନରେ ଚଢ଼ାଉ ଜାରି ରଖିଛି । ଇଡି ଅଧିକାରୀମାନେ ପଶ୍ଚିମ ମେଦିନପୁର, ନଦୀୟା, ଝାରଗ୍ରାମ, ଦକ୍ଷିଣ ଚବିଶପ୍ରଗଣା ଏବଂ କୋଲକାତାର ଅନ୍ୟ କେତେକ ଜିଲ୍ଲାର ବେସରକାରୀ ସଂଗଠନଗୁଡ଼ିକର କର୍ମଚାରୀମାନଙ୍କୁ ପଚରାଉଚରା କରୁଛନ୍ତି । ଇଡି ଦ୍ୱାରା ଚଢ଼ାଉ କରାଯାଇଥିବା ସ୍ଥାନଗୁଡ଼ିକରେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳ ମୁତୟନ କରାଯାଇଛି ।

## ଜେକେ-ଅପରେସନ ଗୁଡର୍

ଜାମ୍ମୁ କାଶ୍ମୀରର ଦକ୍ଷିଣ କାଶ୍ମୀର ଅନ୍ତର୍ଗତ କୁଲ୍‌ଗାମ୍ ଜିଲ୍ଲାର ଗୁଡ୍ଡର ଜଙ୍ଗଲରେ ତଲାସି ଅଭିଯାନ ସମୟରେ ଜଣେ ଆତଙ୍କବାଦୀର ମୃତ୍ୟୁ ଘଟିଛି । ସେନାର ଜଣେ ମୁଖପାତ୍ର କହିଛନ୍ତି, ସେଠାରେ ଆତଙ୍କବାଦୀ ରହିଥିବା ସୂଚନା ମିଳିବା ପରେ ସଂପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରାଯାଇ ସେନା, ସିଆରପିଏଫ୍ ଏବଂ ଜାମ୍ମୁ କାଶ୍ମୀର ପୋଲିସ୍ ମିଳିତ ତଲାସି ଅଭିଯାନ ଆରମ୍ଭ କରିଥିଲା । ଆତଙ୍କବାଦୀ ଥିବା ସ୍ଥାନରେ ପହଞ୍ଚିବା ମାତ୍ରେ ଗୁଳିଗୋଳା ଆରମ୍ଭ ହୋଇଥିଲା । ପ୍ରଥମେ ଆତଙ୍କବାଦୀ ଗୁଳି ଚଳାଇବାରୁ ସୁରକ୍ଷାକର୍ମୀମାନେ ଏହାର ଜବାବରେ ଗୁଳି ଚଳାଇଥିଲେ ।